ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ


# ନୃସିଂହ ଗୁରୁ

# Nrusingha Guru

## The Gandhi of Sambalpur

| | |
|---|---|
| ଆବିର୍ଭାବ | ୨୪/୦୩/୧୯୦୨ |
| Birth | 24/03/1902 |
| ତିରୋଧାନ | ୦୨/୦୧/୧୯୮୪ |
| Death | 02/01/1984 |

| | |
|---|---|
| ପିତା | ଗଣେଷରାମ ଗୁରୁ |
| Father | Ganeshram Guru |
| ମାତା | ଲକ୍ଷ୍ମୀ ଦେବୀ |
| Mother | Laxmi Devi |
| ସହଧର୍ମିଣୀ | ପ୍ରିୟବତୀ ଦେବୀ |
| Wife | Priyabati Devi |
| ପୁତ୍ର | ଭବାନୀ ଶଙ୍କର, ତାରାକାନ୍ତ |
| Son | Bhabani, Tarakanta |
| କନ୍ୟା | କୁମୁଦିନୀ, ପ୍ରେମଲତା |
| Daughter | Kumudini, Premalata |
| ଜେଲଦଣ୍ଡ | ୨ ବର୍ଷ ୧ ମାସ |
| Jail | 2 years 1 month |



ନୃସିଂହ ଗୁରୁ

NRUSINGHA GURU

ଜ୍ୟେଷ୍ଠ ମାସର ଉତ୍ତପ୍ତ ମଧ୍ୟାହ୍ନ। ବୟସ୍କ ଲୋକଟିଏ। ବୟସ ତଥାପି ୭୫ ବର୍ଷରୁ କମ୍ ନୁହେଁ। ମୁଣ୍ଡରେ ଛତା ବା ଗୋଡ଼ରେ ଯୋତା ନାହିଁ। ସମ୍ବଲପୁର ସହରର ରାସ୍ତା ପ୍ରାୟ ଜନଶୂନ୍ୟ। ବୁଢ଼ା ଜଣକ ସୂର୍ଯ୍ୟଙ୍କ ମଧ୍ୟାହ୍ନ ତାପ ସହ ସଂଗ୍ରାମ କରି ଢ଼େଇଁ ଢ଼େଇଁ ଯାଉଛି। ଘର ଭିତରୁ ଲୋକେ ଚାହିଁ ଭାବୁଛନ୍ତି ଏ ବୁଢ଼ା ଜଣକ କିଏ? ପାଖ ରାସ୍ତା ଦେଇ ଗଲା ବେଳକୁ ଜାଣିଲେ ଏ ନୃସିଂହ ଗୁରୁ। ଗାନ୍ଧିଜୀଙ୍କ ଆଦର୍ଶରେ ସଂପୂର୍ଣ୍ଣ ଭାବେ ଅନୁପ୍ରାଣିତ। ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେଇ କଠୋର ବ୍ରତ। ବିଦେଶୀ ବସ୍ତ୍ର ବା ବିଦେଶୀ ପ୍ରସ୍ତୁତ ପଦାର୍ଥ ବ୍ୟବହାର କରିବେ ନାହିଁ। କେବଳ ପୋଷାକରେ ନୁହେଁ, ଗୃହ ସାମଗ୍ରୀ, ଖାଦ୍ୟରେ ମଧ୍ୟ। କଳ ତିଆରି ଚିନି ନ ଖାଇ ଦୈନନ୍ଦିନ ଜୀବନରେ କେବଳ ଗୁଡ଼ ଖାଉଥିଲେ। ଗାନ୍ଧିଜୀଙ୍କ ଉପଦେଶ - "ଯଦି ଦେଶସେବା କରିବାକୁ ଚାହୁଁଛ, ତେବେ ସାଧାରଣ ଲୋକଙ୍କ ପରି ଚଳ"। ତାକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ।

ନୃସିଂହଙ୍କ ଜନ୍ମ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ଗୁରୁପାଲିରେ। ପିତା ଗଣେଶରାମ ଓ ମାତା ଲକ୍ଷ୍ମୀ ଦେବୀ। ନୃସିଂହନାଥଙ୍କ କୃପାରୁ ଜନ୍ମଲାଭ କରିଥିବାରୁ ବାପମା' ନାମଦେଲେ ନୃସିଂହ। ସାତ ବର୍ଷ ବୟସରେ ୧୯୦୯ ମସିହା ଶ୍ରୀପଞ୍ଚମୀ ଦିନ ନାମ ଲେଖାହେଲା ଗ୍ରାମ ଚାଟଶାଳୀରେ। ପ୍ରାଥମିକ ସ୍କୁଲ ଶିକ୍ଷା ହେଲା ଶାସନ ଗାଁରେ। ନୃସିଂହ ସମ୍ବଲପୁର ଜିଲ୍ଲା ସ୍କୁଲରେ ପଢ଼ିବା ସମୟରେ ଜାତୀୟ କଂଗ୍ରେସର ନିଷ୍ପତ୍ତି ଅନୁଯାୟୀ ଚାଲିଲା ଅସହଯୋଗ ଆନ୍ଦୋଳନ। ୧୯୨୧ ମସିହା ଜାନୁଆରୀ ୨ ତାରିଖରେ ଜିଲ୍ଲା ସ୍କୁଲ ଛାତ୍ରସମାଜ ସରକାରୀ ପରିଚାଳିତ ସ୍କୁଲକୁ ବର୍ଜନ ପାଇଁ ସିଦ୍ଧାନ୍ତ ନେଲେ। ଏ କଥା ସାରା ଭାରତ ବର୍ଷରେ ଚହଳ ପକାଇଥିଲା। ଯେଉଁ ପିଲାମାନେ ସ୍କୁଲ ବର୍ଜନ କଲେ ସେମାନଙ୍କ ଶିକ୍ଷା ପାଇଁ ସ୍ଥାନୀୟ ଫ୍ରେଜର କ୍ଲବଠାରେ (୧୯୨୧ ମସିହାରେ) ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ନୃସିଂହ ଏହି ଜାତୀୟ ବିଦ୍ୟାଳୟରୁ ଏଣ୍ଟ୍ରାନ୍ସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ।

କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପଣ୍ଡିତ ନୀଳକଣ୍ଠ ଦାଶ ତାଙ୍କ ଅଧ୍ୟାପକ ପଦବୀ ତ୍ୟାଗ କରି ଜାତୀୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ କଲେ। ପ୍ରାୟ ଦୁଇ ଶହ ଛାତ୍ର ଏଠାରେ ନାମ ଲେଖାଇ ସାଧାରଣ ଶିକ୍ଷା ବ୍ୟତୀତ ସୂତାକଟା, ଲୁଗାବୁଣା, ବଢ଼େଇକାମ ଆଦି ଶିଖିଲେ। ଏଥିସହ ଜାତୀୟ କଂଗ୍ରେସର ବାର୍ତ୍ତା ପ୍ରଚାର କଲେ।

ଫ୍ରେଜର କ୍ଲବଠାରେ ଜାତୀୟ ବିଦ୍ୟାଳୟରେ ପଢ଼ିବା ସମୟରେ ନୃସିଂହ ଜାତୀୟ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସକ୍ରିୟ ସହଯୋଗ କରୁଥିଲେ। ସେତେବେଳେ (୧୯୨୨ରେ) ସମ୍ବଲପୁର ଜିଲ୍ଲାର ମାନପୁର ଗ୍ରାମରେ ହଇଜା ବ୍ୟାପିଲା। ସେ ପ୍ରଧାନ ଶିକ୍ଷକ ନୀଳକଣ୍ଠ ଦାଶ ଓ ଅନ୍ୟାନ୍ୟ ମାନଙ୍କ ସହ ଯାଇ ରୋଗ ନିରାକରଣ ପାଇଁ ଔଷଧ

ବାଣ୍ଟିଲେ। ବନ୍ଧ, କଟା ଓ କୂଅର ଜଳ ବିଶୋଧନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଲେ। ଏହି ସମୟରେ ଝାରସୁଗୁଡ଼ା ଅଞ୍ଚଳରେ ହଇଜା ହେବାରୁ ସେଠାକୁ ମଧ୍ୟ ଯାଇ ଲୋକଙ୍କ ରୋଗ ନିରାକରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଲେ। ନୃସିଂହ ଶିକ୍ଷା ସମାପ୍ତି ପରେ ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କଲେ। ଝାରସୁଗୁଡ଼ାର ଲଇକିରା ଅଞ୍ଚଳରେ କର୍ମୀ ସଂଗଠନ ଓ ଖଦୀ ପ୍ରଚାରର ଦାୟିତ୍ୱରେ ଥିଲେ ନୃସିଂହ ଗୁରୁ। ଇତି ମଧ୍ୟରେ ନୃସିଂହ ଜାତୀୟ ବିଦ୍ୟାଳୟରୁ ଅନ୍ୟ ଦୁଇଜଣ ସହପାଠୀ ଦାମୋଦର ପାଢ଼ୀ ଓ ଅରୁଣ ଦାଶଙ୍କ ସହ ମେଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ।

୧୯୨୮ ମସିହା ଡ଼ିସେମ୍ବର ୨୩ ତାରିଖରେ ଗାନ୍ଧିଜୀ, ପତ୍ନୀ କସ୍ତୁରବା ଓ ପୁତ୍ର ଦେବଦାସଙ୍କ ସହ ସମ୍ବଲପୁର ପରିଦର୍ଶନରେ ଆସିଥିଲେ। ସମ୍ବଲପୁରବାସୀଙ୍କ ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସେ ଚନ୍ଦ୍ରଶେଖର ବେହେରାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ। ଚନ୍ଦ୍ରଶେଖର ବେହେରା ଅତିଥିଚର୍ଚ୍ଚାର ଦାୟିତ୍ୱ ଦେଇଥିଲେ ନୃସିଂହଗୁରୁଙ୍କ ଉପରେ। ଅତିଥିବୃନ୍ଦ ଶ୍ରୀଗୁରୁଙ୍କ ଆତିଥ୍ୟର ଭୂୟସୀ ପ୍ରଶଂସା କରିଥିଲେ।

୧୯୩୦ ମସିହାରେ ସେ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଲେ। ଏଥିପାଇଁ ତାଙ୍କୁ ୧୯୩୨ ରେ ଗିରଫ କରାଗଲା। ଜେଲରୁ ମୁକ୍ତ ହେବା ପରେ ଅସ୍ପୃଶ୍ୟତା ନିବାରଣ ପାଇଁ ଅନବରତ ଉଦ୍ୟମ କଲେ।

ଶ୍ରୀ ଗୁରୁଙ୍କ ବଳିଷ୍ଠ ଦାବୀ ଫଳରେ ପୁନଶ୍ଚ ୧୯୩୪ ମସିହା ମେ ମାସ ୫ ତାରିଖରେ ଗାନ୍ଧିଜୀ ସମ୍ବଲପୁରକୁ ହରିଜନ ସେବା ଦେଖିବା ପାଇଁ ଗସ୍ତରେ ଆସିଲେ। ଗାନ୍ଧିଜୀଙ୍କ ଝାରସୁଗୁଡ଼ା ଓ ସମ୍ବଲପୁର ସଭାରେ ସଂଗୃହୀତ ଟ ୯୯୮.୫୦ (ନଅ ଶହ ଅଠାନବେ ଟଙ୍କା ଆଠଅଣା ପଇସା) ହରିଜନ ଛାତ୍ରଙ୍କ ପାଇଁ ଏକ ଛାତ୍ରାବାସ ନିର୍ମାଣ କରିବା ପାଇଁ ସ୍ଥିର କରାଗଲା ଏବଂ ଏହି ପ୍ରସ୍ତାବ ହରିଜନ ସେବକ ସଂଘ ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱର୍ଗତ ଜନାର୍ଦ୍ଦନ ସୂପକାର ଗୋଟିଏ ଘର ଦାନ କରିଥିଲେ। ଶ୍ରୀ ଗୁରୁ ସପରିବାରେ ସେଠାରେ ରହି ହରିଜନ ପିଲାଙ୍କ ଶିକ୍ଷାର ବିଶେଷ ଯତ୍ନ ନେଉଥିଲେ। ତତ୍କାଳୀନ କଠୋର ସାମାଜିକ କଟକଣା ଓ ନୃସିଂହ ଗୁରୁ ଜଣେ ନୈଷ୍ଠିକ ବ୍ରାହ୍ମଣ ହୋଇ ମଧ୍ୟ ହରିଜନମାନଙ୍କ ସେବାରେ ନିଜକୁ ନିୟୋଜିତ କରିବା ଆଦୌ ସମ୍ଭବପର ନ ଥିଲା କିନ୍ତୁ ନୃସିଂହ ଥିଲେ ଦୃଢ଼ପ୍ରତିଜ୍ଞ। ସମାଜର ସମାଲୋଚନା ବା କଟକଣା ପ୍ରତି ସେ ଭୃକ୍ଷେପ କରୁନଥିଲେ। ଠକ୍‌କର ବାପା, ଆଚାର୍ଯ୍ୟ ହରିହର ଦାଶ, ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ନନ୍ଦ କିଶୋର ଦାସ ହରିଜନ ଛାତ୍ରାବାସକୁ ପରିଦର୍ଶନ କରି ଭୂୟସୀ ପ୍ରଶଂସା କରିଥିଲେ। ଠକ୍‌କର ବାପାଙ୍କ ନିର୍ଦ୍ଦେଶରେ ସେ ସମ୍ବଲପୁର ଜିଲ୍ଲା ହରିଜନ ସେବକ ସଂଘର ସଂପାଦକ ହୋଇଥିଲେ।

ନିଶା ନିବାରଣ କ୍ଷେତ୍ରରେ ମଧ୍ୟ ସମ୍ବଲପୁର ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ପଞ୍ଚସଖାଙ୍କ ନେତୃତ୍ୱରେ ନିଶା ନିବାରଣ କାର୍ଯ୍ୟକ୍ରମ ବିଶେଷ ସଫଳତା ହାସଲ କଲା। ଏପରିକି ସରକାର ଅବକାରୀ ରାଜସ୍ୱ କ୍ଷତି ଯୋଗୁଁ ତତ୍‌କାଳୀନ ଡେ଼ପୁଟୀ କମିଶନର ଜନ୍‌ଷ୍ଟନ୍ ସାହେବଙ୍କୁ ୧୯୩୪ ମସିହାରେ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଉଦାରମନା ଜନ୍‌ଷ୍ଟନ୍‌ଙ୍କ ନିଶା ନିବାରଣ ଆନ୍ଦୋଳନ ପ୍ରତି ପରୋକ୍ଷରେ ସମର୍ଥନ ଥିଲା।

ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନରେ ସମ୍ବଲପୁରର ନେତୃବୃନ୍ଦ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସରକାରଙ୍କ ଲବଣ ଆଇନ ବିରୁଦ୍ଧରେ ସମ୍ବଲପୁରରେ ବିରାଟ ଶୋଭାଯାତ୍ରା ହୋଇଥିଲା। ୧୯୩୦ ମସିହା ମାର୍ଚ୍ଚ ୧୯ ତାରିଖ ଦିନ ଅନ୍ୟାନ୍ୟ କର୍ମୀଙ୍କ ସହ ନୃସିଂହ ଗୁରୁଙ୍କୁ ଗିରଫ କରାଯାଇ କୋର୍ଟକୁ ଚଲାଣ କରାଗଲା। ୧୯୩୨ ମସିହାରେ ସେ ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁଁ ଛଅ ମାସ ଜେଲ ଯାଇଥିଲେ ଓ ତାଙ୍କୁ ପାଞ୍ଚ ଶହ ଟଙ୍କା ଜୋରିମାନା ଦେବା ପାଇଁ ଆଦେଶ ହୋଇଥିଲା।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ବ୍ରିଟିଶ ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଫୁଲଝର, ବିନ୍ଦ୍ରା ନୂଆଁଗଡ଼ ଆଦି ଅଞ୍ଚଳ ମଧ୍ୟପ୍ରଦେଶରେ ମିଶାଇ ଦେବାରେ ସ୍ଥାନୀୟ ନେତୃବୃନ୍ଦ ଏହାର ତୀବ୍ର ପ୍ରତିବାଦ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଦିବସକୁ ପ୍ରତିବାଦ ଦିବସ ରୂପେ ପାଳନ କରିବାକୁ ନୃସିଂହ ଗୁରୁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

୧୯୪୨ ମସିହା ଜୁଲାଇ ୧୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକରେ ଗୃହୀତ ଭାରତ ଛାଡ଼ ପ୍ରସ୍ତାବ ଅନୁଯାୟୀ ଅଗଷ୍ଟ ୯ ତାରିଖରେ ସାରା ଭାରତ ବର୍ଷରେ ଆନ୍ଦୋଳନ ବ୍ୟାପକ ରୂପ ଧାରଣ କଲା। ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ବମ୍ବେ ଅଧିବେଶନରୁ ଫେରିବା ବାଟରେ ଗିରଫ ହେଲେ। ନୃସିଂହ ଗୁରୁ, ଦୟାନନ୍ଦ ଶତପଥୀ, ରାମରକ୍ଷା ଶୁକ୍ଲା ଓ ଦୁର୍ଗା ପ୍ରସାଦ ଗୁରୁଙ୍କୁ ଭାରତରକ୍ଷା ଆଇନ ବଳରେ ସମ୍ବଲପୁରଠାରେ ଗିରଫ କରାଗଲା। ପୋଲିସ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ କରି ନ ପାରିବାରୁ ସେମାନେ ଖଲାସ ହେଲେ, ତଥାପି ସେମାନଙ୍କୁ ସମ୍ବଲପୁରରେ ଅଟକ ବନ୍ଦୀ ରୂପେ ରଖାଗଲା।

ସାରଙ୍ଗଗଡ଼ ଶ୍ୱଶୁର ଘରକୁ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବା ପାଇଁ ଯାଇଥିବା ସମୟରେ ୧୯୮୪ ମସିହା ଜାନୁଆରୀ ୨ ତାରିଖ ଦିନ (୮୩ ବର୍ଷ ବୟସରେ) ଛାତିରେ କଷ୍ଟ ଅନୁଭବ କଲେ। ସେଇଠି ହିଁ ଝିଅ କୋଳରେ ତାଙ୍କ ମହାପ୍ରୟାଣ ହୋଇଥିଲା। ଅକ୍ଷୟତାରକା ଚନ୍ଦ୍ରଶେଖର ବେହେରା ନୃସିଂହ ଗୁରୁଙ୍କୁ କହୁଥିଲେ 'ଗୁଟାରଙ୍ଗେ ଗାନ୍ଧୀ' (ଅର୍ଥାତ୍ ଗୋଟାପଣେ ଗାନ୍ଧୀ) ଏବଂ ଅନ୍ୟମାନେ 'ସମ୍ବଲପୁରର ଗାନ୍ଧୀ'।